# NATIONAL NEWS BULLETIN (ODIA)
## 26th October - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଏକବିଂଶ ଶତାବ୍ଦୀ’ ଭାରତ-ଆସିଆନର ଶତାବ୍ଦୀ ବୋଲି ବାର୍ଷିକ ଆସିଆନ୍ ଶିଖର ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଲେ ପ୍ରଧାନମନ୍ତ୍ରୀ ।
- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶାର କୋରାପୁଟ୍ କଫିକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ।
- ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ଉପରେ ଜାରି ହେଲା କଟକଣା ।
- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ମଙ୍ଗଳବାର ସୁଦ୍ଧା ଘୂର୍ଣ୍ଣିଝଡ଼ରେ ପରିଣତ ହେବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ।

ଏବଂ

- ଆଇ.ସି.ସି. ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚ୍ ଭାରତ ଓ ବାଂଲାଦେଶ ମଧ୍ୟରେ ଜାରି ।

## ପି.ଏମ୍. - ଆସିଆନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏକବିଂଶ ଶତାବ୍ଦୀ ହେଉଛି ଭାରତ ଏବଂ ଆସିଆନ୍‌ର ଶତାବ୍ଦୀ । ମାଲେସିଆରେ ଚାଲିଥିବା ଆସିଆନ୍-ଭାରତ ଶିଖର ସମ୍ମିଳନୀକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଛନ୍ତି, ଭାରତ ଏବଂ ଆସିଆନ୍ ମିଳିତ ଭାବେ ବିଶ୍ୱ ଜନସଂଖ୍ୟାର ଏକ-ଚତୁର୍ଥାଂଶକୁ ପ୍ରତିନିଧିତ୍ୱ କରୁଛନ୍ତି । ଭାରତ ଏବଂ ଆସିଆନ୍ କେବଳ ଭୌଗୋଳିକ କ୍ଷେତ୍ରରେ ଅଂଶୀଦାର ନୁହନ୍ତି, ବରଂ ଦୃଢ଼ ଐତିହାସିକ ସମ୍ପର୍କ ଏବଂ ମୂଲ୍ୟବୋଧର ରଜ୍ଜୁରେ ବାନ୍ଧି ହୋଇଛନ୍ତି ।

ଶ୍ରୀ ମୋଦି କହିଛନ୍ତି, ଏହି ଯୁଗ ଅନିଶ୍ଚିତତାର ଯୁଗ ହେଲେ ମଧ୍ୟ ଭାରତ-ଆସିଆନ ବ୍ୟାପକ ରଣନୈତିକ ଭାଗିଦାରିତା ସମ୍ପର୍କ ଯୋଗୁଁ ବିକାଶ ଦିଗରେ ଅଗ୍ରସର ହେଉଛି । ସେ ଆହୁରି କହିଛନ୍ତି, ଦୃଢ଼ ଭାଗିଦାରିତା ସମ୍ପର୍କ ଯୋଗୁଁ ବିଶ୍ୱରେ ସ୍ଥିରତା ଏବଂ ବିକାଶର ମୂଳଦୁଆକୁ ଅଧିକ ଦୃଢ଼ୀଭୂତ କରାଯାଇପାରୁଛି ।

***Voice (PM - Asean partnership) :.......***

ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତି ବିପର୍ଯ୍ୟୟ ସମୟରେ ଭାରତ ଆସିଆନ ବନ୍ଧୁ ରାଷ୍ଟ୍ରଗୁଡ଼ିକ ନିକଟରେ ଦୃଢ଼ ଭାବେ ଠିଆ ହୋଇଛି । ସେ କହିଛନ୍ତି, ସାମୁଦ୍ରିକ ସୁରକ୍ଷା ଏବଂ ନୀଳ ଅର୍ଥନୀତିର ଦ୍ରୁତ ପ୍ରଗତି ଘଟୁଛି । ଶ୍ରୀ ମୋଦି ଘୋଷଣା କରି କହିଛନ୍ତି, ୨୦୨୬ ମସିହା "ଆସିଆନ-ଇଣ୍ଡିଆ : ସାମୁଦ୍ରିକ ସହଯୋଗର ବର୍ଷ" ।

***Voice (PM - Maritime Coperation)*** :.......

## ୟୁ.ଏସ୍. ପ୍ରେସିଡେଣ୍ଟ - ଆସିଆନ୍ ଭିଜିଟ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍' ଆସିଆନ୍ ଶିଖର ସମ୍ମିଳନୀରେ ଯୋଗଦେବା ନିମନ୍ତେ ମାଲେସିଆରେ ପହଞ୍ଚିଛନ୍ତି । ଏସିଆ ଏବଂ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ବାଣିଜ୍ୟ ସମ୍ପର୍କକୁ ତ୍ୱରାନ୍ୱିତ କରିବା ଦିଗରେ ପ୍ରମୁଖ ଆଞ୍ଚଳିକ ଅଂଶୀଦାର ଭାବେ ପ୍ରତିଷ୍ଠିତ କରିବା ଲକ୍ଷ୍ୟରେ ଶ୍ରୀ ଟ୍ରମ୍ପ୍ ଏହି ପାଞ୍ଚଦିନିଆ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ବିଭିନ୍ନ ଏସୀୟ ନେତାମାନଙ୍କ ସହ ଆଲୋଚନା କରି କୂଟନୈତିକ ସମ୍ପର୍କ ଦୃଢ଼ୀଭୂତ କରିବା ଲକ୍ଷ୍ୟ ନେଇ ଶ୍ରୀ ଟ୍ରମ୍ପ୍ ଏହି ଗସ୍ତ କରିଛନ୍ତି ।

ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ବାଣିଜ୍ୟ ସମ୍ପର୍କକୁ ବୃଦ୍ଧି କରିବାପାଇଁ ତାଙ୍କ ଗସ୍ତର ପ୍ରମୁଖ କାରଣ ରହିଥିବା ଜଣାପଡ଼ିଛି । ଜାପାନ୍‌ର ନୂତନ

ନବନିର୍ବାଚିତ ନେତା ସାନାଓ ଟାକାଇଚିଙ୍କୁ ଟୋକିଓଠାରେ ଏବଂ ଦକ୍ଷିଣ କୋରିଆରେ ଚୀନ୍‌ର ରାଷ୍ଟ୍ରପତି ଷି ଜିନ୍‌ପିଙ୍ଗ୍‌ଙ୍କ ସହ ଶ୍ରୀ ଟ୍ରମ୍ପ୍ ସାକ୍ଷାତ ଆଲୋଚନା କରିବାର  କାର୍ଯ୍ୟସୂଚୀ ରହିଛି । ଡୋନାଲ୍‌ଡ୍ ଟ୍ରମ୍ପ୍ ଏବଂ ମାଲେସିଆର ପ୍ରଧାନମନ୍ତ୍ରୀ ଅନ୍‌ୱାର ଇବ୍ରାହିମ୍‌ଙ୍କ ଉପସ୍ଥିତିରେ ଆଜି ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ଶାନ୍ତି ପ୍ରସଙ୍ଗରେ ଏକ ମିଳିତ ବୁଝାମଣାରେ ସ୍ୱାକ୍ଷର କରିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅପରେସନ ସିନ୍ଦୂର ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ମାଓ ଆତଙ୍କମୁକ୍ତ ଅଞ୍ଚଳଗୁଡ଼ିକରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଦୀପାବଳୀ ପାଳନ କରାଯାଇଛି ।

ସେହିପରି ଜିଏସ୍‌ଟି ସଞ୍ଚୟ ଉତ୍ସବ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ପାର୍ବଣ ଋତୁରେ ସ୍ୱଦେଶୀ ସାମଗ୍ରୀ କ୍ରୟ ବୃଦ୍ଧି ପାଇଛି ।

ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଛଟ୍ ପର୍ବ ସମ୍ପର୍କରେ ଆଲୋକପାତ କରି କହିଛନ୍ତି, ଏହା ସଂସ୍କୃତି, ପ୍ରକୃତି ଓ ସମାଜର ଦୃଢ଼ ଏକତାର ପ୍ରତିଫଳନ ।

ଓଡ଼ିଶାର କୋରାପୁଟ କଫି ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କୋରାପୁଟ କଫିର ସ୍ୱାଦ ଆଶ୍ଚର୍ଯ୍ୟଜନକ ଏବଂ କଫି ଚାଷ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସୁଫଳ ପ୍ରଦାନ କରୁଛି । ଏପରିକି ଚାକିରି ଛାଡ଼ି କୋରାପୁଟର କିଛି ବାସିନ୍ଦା ସଫଳତାର ସହ କଫି ଚାଷ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କୋରାପୁଟ କଫିକୁ ସେ ଓଡ଼ିଶାର ଗର୍ବ ବୋଲି କାର୍ଯ୍ୟକ୍ରମରେ ବର୍ଣ୍ଣନା କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ମାସ ୭ ତାରିଖରେ ଭାରତ ବନ୍ଦେ ମାତରଂ ପାଳନର ୧୫୦ତମ ବର୍ଷରେ ପ୍ରବେଶ କରିବ । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି କବିତାଟି ୧୮୯୬ ମସିହାରେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର ପ୍ରଥମଥର ପାଇଁ ଗାନ କରିଥିଲେ । ଏହି ଗୀତଟି ଶତାବ୍ଦୀର ଦାସତ୍ୱଦ୍ୱାରା ଦୁର୍ବଳ ହୋଇପଡିଥିବା ଦେଶବାସୀଙ୍କ ଜୀବନରେ ନୂତନ ସ୍ଫୂର୍ତ୍ତି ଭରି ଦେଇଥିଲା ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଏକଦା ସଂସ୍କୃତ’ ଯୋଗାଯୋଗର ଭାଷା ରହିଥିଲା । ତେବେ ସ୍ୱାଧୀନତା ପରେ ସଂସ୍କୃତ ଭାଷାର ବ୍ୟବହାର କ୍ରମଶଃ ହ୍ରାସ ପାଇଥିଲା । ସାମାଜିକ ଗଣମାଧ୍ୟମ’ ସଂସ୍କୃତ ଭାଷାକୁ ଏକ ନୂତନ ଜୀବନ ପ୍ରଦାନ କରୁଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ପ୍ରେଜ୍ - ଛଟ୍‌ପୂଜା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛଟ୍‌ପୂଜା ଅବସରରେ ଆଜି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ତାଙ୍କ ବାର୍ତ୍ତାରେ କହିଛନ୍ତି, ଏହି ଛଟ୍‌ପୂଜା କାଳରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟଦେବତାଙ୍କୁ ପୂଜା କରିବା ସହ ଅର୍ଘ୍ୟ ପ୍ରଦାନ କରିଥା'ନ୍ତି । ଶ୍ରଦ୍ଧାଳୁମାନେ ନଦୀ, ପୋଖରୀରେ ଏହି ପୂଜା ପାଳନ କରି ପ୍ରକୃତି ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଥା'ନ୍ତି ଏବଂ ସେମାନଙ୍କ ପରିବାରର ମଙ୍ଗଳ କାମନା କରିଥା'ନ୍ତି । ଏହି ପର୍ବ ସ୍ୱଚ୍ଛତା ଏବଂ ପରିବେଶ ସଂରକ୍ଷଣର ମଧ୍ୟ ବାର୍ତ୍ତା ପ୍ରଦାନ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସମସ୍ତ ନାଗରିକଙ୍କ ସୁଖ, ସମୃଦ୍ଧି କାମନା କରିଛନ୍ତି ।

## ଇ.ସି.ଆଇ. - ଆଡ୍‌ଭାଇଜରୀ

ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିହାର ନିର୍ବାଚନ ଏବଂ ଅନ୍ୟ ରାଜ୍ୟରେ ହେଉଥିବା ଉପନିର୍ବାଚନର ୪୮ ଘଣ୍ଟା ମଧ୍ୟରେ ଏକ୍‌ଜିଟ୍ ପୋଲ୍ ଏବଂ ନିର୍ବାଚନ ସମ୍ପର୍କିତ ତଥ୍ୟ ପ୍ରଦର୍ଶନ ପରେ ସମସ୍ତ ଗଣମାଧ୍ୟମ ଏବଂ ପ୍ରସାରଣକାରୀ ସଂସ୍ଥାଗୁଡ଼ିକ ଉପରେ କଟକଣା ଜାରି କରାଯାଇଛି । ଟେଲିଭିଜନ୍, ରେଡିଓ ଚ୍ୟାନେଲ୍ ଏବଂ କେବୁଲ୍ ନେଟ୍‌ୱାର୍କଗୁଡ଼ିକ ଉପରେ

ଏହି ୪୮ ଘଣ୍ଟା ମଧ୍ୟରେ କୌଣସି ସ୍ୱତନ୍ତ୍ର ଦଳ ବା ପ୍ରାର୍ଥୀ କିମ୍ବା ନିର୍ବାଚନ ଫଳଫଳକୁ ପ୍ରଭାବିତ କରୁଥିବା ସମ୍ପର୍କିତ ତଥ୍ୟ ଆଲୋଚନା କରିବା ନେଇ କଟକଣା ଲାଗୁ କରାଯାଇଛି । ଓପିନିୟନ୍ ପୋଲ୍ ପ୍ରଦର୍ଶନ ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି ।

ବିହାର ବିଧାନସଭା ନିର୍ବାଚନ ୨ଟି ପର୍ଯ୍ୟାୟରେ ଆସନ୍ତା ମାସ ୬ ଏବଂ ୧୧ ତାରିଖରେ ଅନୁଷ୍ଠିତ ହେବ । ଆୟୋଗଙ୍କ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ପରିଚାଳନା ଏବଂ ଫଳାଫଳ ସମ୍ପର୍କିତ ତଥ୍ୟ ମୁଦ୍ରଣ କିମ୍ବା ଇଲୋକ୍ଟ୍ରୋନିକ୍ସ ଗଣମାଧ୍ୟମରେ ପ୍ରକାଶ କରିବା ଉପରେ ନିଷେଧାଦେଶ ଜାରି କରାଯାଇଛି । ଏହା ଆସନ୍ତା ମାସ ୬ ତାରିଖ ସକାଳ ୭ଟାରୁ ୧୧ ତାରିଖ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ।

## ଇ.ସି.ଆଇ. - ସି.ଇ.ଓ. କନ୍‌ଫରେନ୍ସ

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭାରତ ଗଣତାନ୍ତ୍ରିକ ଏବଂ ନିର୍ବାଚନ ପରିଚାଳନା ଅନ୍ତର୍ଜାତୀୟ ସଂସ୍ଥା, ନୂଆଦିଲ୍ଲୀରେ ଦୁଇଦିନିଆ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସମ୍ମିଳନୀ ଆଜିଠାରୁ ଆରମ୍ଭ ହୋଇଛି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନିର୍ବାଚନ କମିଶନର୍ ଡକ୍ଟର ସୁଖ୍‌ବୀର ସିଂହ ସାନ୍ଧୁ ଏବଂ ଡକ୍ଟର

ବିବେକ ଯୋଶୀ ଯୋଗ ଦେଇଛନ୍ତି । ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ କାର୍ଯ୍ୟାଳୟରେ ଦେଶବ୍ୟାପୀ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା - ଏସ୍.ଆଇ.ଆର୍.ର ଆକଳନ କରାଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ପୂର୍ବରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ଅଗ୍ରଗତି ନେଇ ମଧ୍ୟ ଆଲୋଚନା ହୋଇଥିଲା । ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟରଙ୍କ ସଂଖ୍ୟା, ଭୋଟର ତାଲିକା ସଂଶୋଧନର ପରବର୍ତ୍ତୀ ତଥ୍ୟ ଏବଂ ନିର୍ବାଚନ ପ୍ରକ୍ରିୟା ନେଇ ହୋଇଥିବା ଏସ୍.ଆଇ.ଆର୍ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିବା ନିମନ୍ତେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି ।

## ଜୟଶଙ୍କର - କୋରିଆନ୍ ଏଫ୍.ଏମ୍. ମିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ମାଲେସିଆରେ କୋରିଆ ଗଣତନ୍ତ୍ରର ବୈଦେଶିକ ମନ୍ତ୍ରୀ ଚୋ ହ୍ୟୁନ୍'ଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ' ଯାନବାହନ, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଏବଂ ଜାହାଜ ନିର୍ମାଣ କ୍ଷେତ୍ରରେ ସହଯୋଗ ସ୍ଥାପନ ନେଇ ଆଲୋଚନା କରିଛନ୍ତି । ଉଭୟ ଦେଶ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ

ଭାଗିଦାରୀ ସମ୍ପର୍କ ଦୃଢ଼ୀଭୂତ ହୋଇଥିବା ନେଇ ମନ୍ତ୍ରୀ ଶ୍ରୀ ଜୟଶଙ୍କର ସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଆଇ.ଏମ୍.ଡି. - ଓ୍ବେଦର

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଆସନ୍ତାକାଲି ଘୂର୍ଣ୍ଣିଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଏହି ଘୂର୍ଣ୍ଣିଝଡ଼ ଉତ୍ତରପଶ୍ଚିମ ଆଡକୁ ଗତିକରି ମଙ୍ଗଳବାର ସୁଦ୍ଧା ଭୀଷଣ ଘୂର୍ଣ୍ଣିଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି । ଉତ୍ତର-ଉତ୍ତରପଶ୍ଚିମ ଆଡକୁ ଗତିକରି ଘୂର୍ଣ୍ଣିଝଡ଼ 'ମୋନ୍ଥା' ଆନ୍ଧ୍ରପ୍ରଦେଶର ମଛଲିପଟନମ ଏବଂ କଳିଙ୍ଗପଟନମ ମଧ୍ୟରେ କାକିନାଡାଠାରେ ଉପକୂଳ ଅତିକ୍ରମ କରିବ ।

ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳରେ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ, ପୂର୍ବ ରାଜସ୍ଥାନ, ଗୁଜରାଟ, କେରଳ, ଓଡ଼ିଶା, ତାମିଲନାଡୁ, ପୁଦୁଚେରୀ ଏବଂ କରେଇକାଲଠାରେ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଗୁଜରାଟ, ସୌରାଷ୍ଟ୍ର, କଚ୍ଛ, ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ, ଛତିଶଗଡ଼, ଓଡ଼ିଶା

ଏବଂ ତେଲଙ୍ଗାନାର ଅଧିକାଂଶ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଇ.ସି.ସି. ୱିମେନ୍ କ୍ରିକେଟ୍

ନଭି ମୁମ୍ବାଇସ୍ଥିତ ଡକ୍ଟର ଡି.ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀଠାରେ ଚାଲିଥିବା ଆଇ.ସି.ସି. ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚ୍ ଭାରତ ଓ ବାଂଲାଦେଶ ମଧ୍ୟରେ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ବାଂଲାଦେଶ ୧୨ ଓଭର୍ ୨ଟି ବଲ୍‌ରେ ୨ ୱିକେଟ୍ ହରାଇ ୩୯ ରନ୍ ସଂଗ୍ରହ କରିଛି । ଭାରତର କ୍ୟାପ୍‌ଟେନ୍ ହରମ୍‌ନ୍‌ପ୍ରୀତ୍ କୌର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ବର୍ଷା ଯୋଗୁଁ ଖେଳ ବିଳମ୍ବରେ ଆରମ୍ଭ ହେବା କାରଣରୁ ମ୍ୟାଚ୍‌କୁ ୪୩ ଓଭର୍‌ରେ ସୀମିତ ରଖାଯାଇଛି ।

ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୮ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ବିଶାଖାପଟନମର ACA-VDCA କ୍ରିକେଟ ଷ୍ଟାଡିୟମଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୧୬୮ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଇଂଲଣ୍ଡ ଦଳ ୨୯ ଓଭର୍ ୨ଟି ବଲ୍‌ରେ ୨ଟି ୱିକେଟ୍ ହରାଇ ୧୭୨ ରନ୍ ସଂଗ୍ରହ କରିଥିଲା ।

ବିଶ୍ୱକପ୍ ପ୍ରତିଯୋଗିତାରେ ଆସନ୍ତା ୨୯ ତାରିଖରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ୩୦ ତାରିଖରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

*****